# NATIONAL NEWS BULLETIN (ODIA)

## 20 April - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- କର୍ଣ୍ଣାଟକରେ ଦ୍ୱିତୀୟ ପର୍ଯ୍ୟାୟରେ ୧୪ଟି ଲୋକସଭା ଆସନରେ ହେବାକୁ ଥିବା ମତଦାନ ପାଇଁ ରାଜନୈତିକ ଦଳ ଗୁଡ଼ିକ ଦ୍ୱାରା ଜୋର୍‌ସୋରରେ ପ୍ରଚାର ଚାଲିଛି ।
- ଆନ୍ଧ୍ରପ୍ରଦେଶର ୧୭୫ଟି ବିଧାନସଭା ଆସନ ଓ ୨୫ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି ।
- ଲଦାଖରେ ସାଧାରଣ ନିର୍ବାଚନ ସମୟରେ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ କାର୍ଗିଲ୍ ଜିଲ୍ଲା ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି ।
- ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେ ମୁମ୍ବାଇ, ଚେନ୍ନାଇ, କୋଲକାତା ଓ ଦିଲ୍ଲୀର ଅନେକ ସ୍ଥାନରେ ଚଢ଼ଉ କରିଛି ।

ଏବଂ

- ମହାନଦୀରେ ଡଙ୍ଗା ବୁଡ଼ି ଯାଇ ଅନେକ ଲୋକ ପ୍ରାଣ ହରାଇଥିବାରୁ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଶୋକ ପ୍ରକାଶ କରିଛନ୍ତି ।

## କର୍ଣ୍ଣାଟକ-କ୍ୟାମ୍ପେନ୍

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ କର୍ଣ୍ଣାଟକର ୧୪ଟି ଆସନରେ ହେବାକୁ ଥିବା ମତଦାନ ପାଇଁ ରାଜନୈତିକ ଦଳ ଗୁଡ଼ିକ ଦ୍ୱାରା ଜୋର୍‌ସୋରରେ ପ୍ରଚାର ଜାରି ରହିଛି । ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିକାବଲାପୁର ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ସେ କହିଛନ୍ତି, ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବିକଶିତ ଭାରତ ପାଇଁ ଯାଇଛି । ସେ କହିଛନ୍ତି, ତାଙ୍କ ସରକାରଙ୍କ ନୀତିରୁ ଏସ୍.ସି., ଏସ୍.ଟି. ଏବଂ ଓ.ବି.ସି. ବର୍ଗର ଲୋକମାନେ ଲାଭବାନ ହୋଇଛନ୍ତି । ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରାଯାଇଛି । ସେ କହିଛନ୍ତି, ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅନୁସୂଚୀତ ଜାତିର ବିଦ୍ୟାର୍ଥୀମାନଙ୍କ ନାମ ଲେଖା ଶତକଡ଼ା ୬୫ ଭାଗ ବୃଦ୍ଧି ପାଇଛି । ସେହିଭଳି ଅନୁସୂଚୀତ ଉପଜାତି ଓ ଅନ୍ୟାନ୍ୟ ପଛୁଆବର୍ଗର ବିଦ୍ୟାର୍ଥୀମାନଙ୍କ ନାମଲେଖା ଶତକଡ଼ା ୪୫ ଭାଗ ଲେଖାଏଁ ବୃଦ୍ଧି ପାଇଛି । ସେ କହିଛନ୍ତି, ତାଙ୍କ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ସହାୟତା କରିଛନ୍ତି । ୧କୋଟି ଲଖପତି ଦିଦିଙ୍କୁ କ୍ଷମତାପନ୍ନ କରାଯାଇଛି ଓ ସମବାୟ କ୍ଷେତ୍ରର ସମ୍ପ୍ରସାରଣ ଯୋଗୁଁ କୃଷକମାନେ ଲାଭାନ୍ୱିତ ହୋଇଛନ୍ତି । ଇଣ୍ଡିଆ ମେଣ୍ଟର କେହି ନେତା ନାହାନ୍ତି କିମ୍ୱା କୌଣସି ବିଜନ୍ ନାହିଁ ବୋଲି ସେ କହିଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେ.ଡି.ଏସ୍. ନେତା ଦେବ ଗୌଡ଼ା ଏହି ଅବସରରେ ଉଦ୍‌ବୋଧନ ଦେଇ ଦୁର୍ନୀତିଗ୍ରସ୍ତ କଂଗ୍ରେସ ସରକାର ୨୦୧୪ରେ କ୍ଷମତାରୁ ଯିବା ପୂର୍ବରୁ ରାଜକୋଷକୁ ଖାଲି କରିଦେଇଥିଲା ବୋଲି କହିଛନ୍ତି ।

ଇତିମଧ୍ୟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ପ୍ରଧାନମନ୍ତ୍ରୀଙ୍କ କର୍ଣ୍ଣାଟକ ଗସ୍ତ ଉପରେ ଏକ ବିବୃତ୍ତି ଜାରି କରିଛନ୍ତି । ପ୍ରଧାନମନ୍ତ୍ରୀ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ଗୁଡ଼ିକ ମଧ୍ୟରୁ କେତେ ପ୍ରତିଶ୍ରୁତି ପୂରଣ ହୋଇଛି ବୋଲି ସେ ପ୍ରଶ୍ନ କରିଛନ୍ତି । ବିଜେପି ନିର୍ବାଚନ ଇସ୍ତାହାରରେ ଥିବା 'ସୂର୍ଯ୍ୟ ଘର ମୁଫତ୍ ବିଜ୍‌ଲୀ' କାର୍ଯ୍ୟକ୍ରମ ଗରିବ ଲୋକମାନଙ୍କ ଉପରେ ବୋଝ ହୋଇଥିବାର ସେ ଦୋଷାରୋପ କରିଛନ୍ତି । ଗରିବ ଲୋକମାନେ ସୌର ପ୍ୟାନେଲ୍‌ର ଖର୍ଚ୍ଚ ବହନ କରି ପାରୁ ନାହାନ୍ତି ବୋଲି ସେ କହିଛନ୍ତି । ୨୦୧୪ ନିର୍ବାଚନ ଇସ୍ତାହାରରେ ସବୁ ରାଜ୍ୟରେ **AIIMS** ସ୍ଥାପନ ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିର ପୂରଣ ହୋଇନଥିବା କଥା ସେ କହିଛନ୍ତି ।

## ଆନ୍ଧ୍ରପ୍ରଦେଶ-ନୋମିନେସନ୍

ଆନ୍ଧ୍ରପ୍ରଦେଶର ୧୭୫ଟି ବିଧାନସଭା ଆସନ ଓ ୨୫ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଜାରି ରହିଛି । ବହୁ ବଡ଼ ବଡ଼ ନେତା

ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ନାରା ଭୁବନେଶ୍ୱରୀ ତାଙ୍କର ପତି ଏନ୍. ଚନ୍ଦ୍ର ବାବୁ ନାଇଡୁଙ୍କ ପକ୍ଷରୁ କୁପମ୍ ବିଧାନସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବିଜେପି ରାଜ୍ୟଶାଖା ମୁଖ୍ୟ ଡି. ପୁରନ୍ଦେଶ୍ୱରୀ ରାଜାମହେନ୍ଦ୍ରବରମ ଲୋକସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେଲୁଗୁଦେଶମ୍ ପାର୍ଟି ନେତା ଓ ପ୍ରଖ୍ୟାତ ଅଭିନେତା ନନ୍ଦମୁରୀ ବାଲ୍‌କ୍ରିଷ୍ଣନ୍ ହିନ୍ଦୁପୁର ବିଧାନସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

ଆନ୍ଧ୍ରପ୍ରଦେଶ କଂଗ୍ରେସ ରାଜ୍ୟ ଶାଖା ମୁଖ୍ୟ ୱାଇ.ଏସ୍. ଶର୍ମିଳା କଡ୍ଡାପା ଲୋକସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ୱାଇ.ଏସ୍.ଆର୍. କଂଗ୍ରେସ ପାର୍ଟି ସଭାପତି ତଥା ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଓ ଜନସେନା ପାର୍ଟି ମୁଖ୍ୟ କେ. ପବନ କଲ୍ୟାଣ ଯଥାକ୍ରମେ କଡ୍ଡାପା ଓ ପିଠାପୁରମ୍‌ରୁ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିବେ ।

## ଲଦାଖ-ପୋଲ୍ସ

ଲଦାଖରେ ସାଧାରଣ ନିର୍ବାଚନ ସମୟରେ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ କାର୍ଗିଲ୍ ଜିଲ୍ଲା ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ଆକାଶବାଣୀକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ସମୟରେ ଜିଲ୍ଲା ପୋଲିସ୍ ମୁଖ୍ୟ ଶ୍ରୀରାମ ଆର୍. କହିଛନ୍ତି, ନିର୍ବାଚନ କମିଶନ୍‌ଙ୍କ ଦ୍ୱାର ଧାର୍ଯ୍ୟ କରାଯାଇଥିବା ଆଦର୍ଶ ଆଚରଣବିଧିର ଅନୁପାଳନ ପାଇଁ ପୋଲିସ୍ ପକ୍ଷରୁ ବ୍ୟାପକ

ଯୋଜନା କରାଯାଇଛି । ନିର୍ବାଚନ ସମୟରେ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ଗୁଡ଼ିକୁ ନିଜ ନିଜ ଥାନାରେ ଦାଖଲ କରିବାକୁ ବାଧ୍ୟତା ମୂଳକ କରାଯାଇଛି । ଏଥିସହ ବେଆଇନ୍ ଟଙ୍କା ଚାଲାଣ ଏବଂ ମାଦକଦ୍ରବ୍ୟ ଚାଖଲାଣ ରୋକିବାକୁ ଜିଲ୍ଲା ପୋଲିସ୍ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନରେ ତଲାସି କରାଯାଉଛି । ଅପରାଧ ରେକର୍ଡ ଥିବା ଲୋକମାନଙ୍କୁ ଅଟକ ରଖାଯିବା ସହ ମିଛ ଖବର ଛାପୁଥିବା ସାମାଜିକ ଗଣମାଧ୍ୟମ ଉପରେ କଡ଼ା ନଜର ରଖାଯାଇଛି । ବିଭିନ୍ନ ଧାର୍ମିକ ସଂଗଠନ ଓ ସରକାରି କର୍ମଚାରୀମାନେ ନିର୍ବାଚନକୁ ପ୍ରଭାବିତ କଲାଭଳି କୌଣସି କାର୍ଯ୍ୟ ନ କରିବା ପାଇଁ ପରାମର୍ଶ ଦିଆଯାଇଛି । ପୋଲିଂ କେନ୍ଦ୍ର ଏବଂ ଷ୍ଟ୍ରଙ୍ଗ ରୁମ୍ ଗୁଡ଼ିକରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ ପାଇଁ ଯୋଜନା କରାଯାଇଛି ।

## ଆସାମ-କ୍ୟାମ୍ପେନ୍

ଆସାମରେ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଶେଷ ହୋଇଯିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଉପରେ ଆଲୋକପାତ କରାଯାଉଛି । ଏହି ପର୍ଯ୍ୟାୟରେ ୬୧ ଜଣ ପ୍ରାର୍ଥୀ ୫ଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ବିଜେପି, କଂଗ୍ରେସ, ଏ.ଆଇ.ୟୁ.ଡି.ଏଫ୍., ଟି.ଏମ୍.ସି. ଏବଂ ବି.ପି.ଏଫ୍. ସମେତ ଅନେକ ଦଳର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଜି ବରାକ୍ ଉପତ୍ୟକାରେ ପାର୍ଟି

ପ୍ରାର୍ଥୀମାନଙ୍କ ସମର୍ଥନରେ ପ୍ରଚାର କରିଛନ୍ତି । କଂଗ୍ରେସ ଏମ୍.ପି. ପ୍ରଦ୍ୟୁତ୍ ବର୍ଦ୍ଦୋଲୋଇ ନାଗାଓଁରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେ ରାହା ଠାରେ କିଛି ର୍‍ୟାଲି କରିଛନ୍ତି । ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ସନ୍ଧ୍ୟାରେ ସିଲଚର୍ ଠାରେ ପାର୍ଟି ପ୍ରାର୍ଥୀ ପରିମଲ ଶୁକ୍ଲବୈଦ୍ୟଙ୍କ ସମର୍ଥନରେ ରୋଡ୍ ଶୋ' କରିବେ ।

## ଲଦାଖ-ପୋଲ୍ସ

ଲଦାଖରେ ସାଧାରଣ ନିର୍ବାଚନ ସମୟରେ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ କାର୍ଗିଲ୍ ଜିଲ୍ଲା ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ଆକାଶବାଣୀକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ସମୟରେ ଜିଲ୍ଲା ପୋଲିସ୍ ମୁଖ୍ୟ ଶ୍ରୀରାମ ଆର୍. କହିଛନ୍ତି, ନିର୍ବାଚନ କମିଶନ୍‌ଙ୍କ ଦ୍ୱାର ଧାର୍ଯ୍ୟ କରାଯାଇଥିବା ଆଦର୍ଶ ଆଚରଣବିଧିର ଅନୁପାଳନ ପାଇଁ ପୋଲିସ୍ ପକ୍ଷରୁ ବ୍ୟାପକ ଯୋଜନା କରାଯାଇଛି । ନିର୍ବାଚନ ସମୟରେ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ଗୁଡ଼ିକୁ ନିଜ ନିଜ ଥାନାରେ ଦାଖଲ କରିବାକୁ ବାଧ୍ୟତା ମୂଳକ କରାଯାଇଛି । ଏଥିସହ ବେଆଇନ୍ ଟଙ୍କା ଚାଲାଣ ଏବଂ ମାଦକଦ୍ରବ୍ୟ ଚାଖଲାଣ ରୋକିବାକୁ ଜିଲ୍ଲା ପୋଲିସ୍ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନରେ ତଲାସି କରାଯାଉଛି । ଅପରାଧ ରେକର୍ଡ ଥିବା ଲୋକମାନଙ୍କୁ ଅଟକ ରଖାଯିବା ସହ ମିଛ ଖବର ଛାପୁଥିବା ସାମାଜିକ ଗଣମାଧ୍ୟମ ଉପରେ କଡ଼ା

ନଜର ରଖାଯାଇଛି । ବିଭିନ୍ନ ଧାର୍ମିକ ସଂଗଠନ ଓ ସରକାରି କର୍ମଚାରୀମାନେ ନିର୍ବାଚନକୁ ପ୍ରଭାବିତ କଲାଭଳି କୌଣସି କାର୍ଯ୍ୟ ନ କରିବା ପାଇଁ ପରାମର୍ଶ ଦିଆଯାଇଛି । ପୋଲିଂ କେନ୍ଦ୍ର ଏବଂ ଷ୍ଟ୍ରଙ୍ଗ ରୁମ୍ ଗୁଡ଼ିକରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ ପାଇଁ ଯୋଜନା କରାଯାଇଛି ।

## ଇଡି-ସର୍ଚ୍ଚେସ୍

ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେ ମୁମ୍ବାଇ, ଚେନ୍ନାଇ, କୋଲକାତା ଓ ଦିଲ୍ଲୀର ଅନେକ ସ୍ଥାନରେ ଚଢ଼ଉ କରିଛି । ବେଆଇନ୍ ଅନ୍‌ଲାଇନ୍ ବୈଦେଶିକ ବିନିମୟ ମୁଦ୍ରା କାରବାର ମାମଲାରେ ଏହି ଚଢ଼ଉ କରାଯାଇଛି । ଗତ ଗୁରୁବାର ଦିନ କଳାଧନ ନିବାରଣ ଆଇନ୍‌ରେ ଖାନତଲାସି କରାଯାଇଥିଲା । ଏକ ବିବୃତ୍ତିରେ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ କହିଛି, ଖୋଜାଖୋଜି ସମୟରେ ୨ କୋଟି ୭୦ଲକ୍ଷ ଟଙ୍କାର ବ୍ୟାଙ୍କ୍ ଫଣ୍ଡ ଅଚଳ କରାଯାଇଛି । ସେଠାରୁ ଅନେକ ଆପତ୍ତିଜନକ ଦସ୍ତାବିଜ୍ ଓ ଡିଜିଟାଲ୍ ସାମଗ୍ରୀ ଜବତ କରାଯାଇଛି । ପୁଣେର ଶିବାଜୀ ନଗର ଥାନା ଦ୍ୱାରା ଦାଖଲ ହୋଇଥିବା ଏଫ୍.ଆଇ.ଆର୍.କୁ ଭିତ୍ତି କରି ଖାନତଲାସି ଆରମ୍ଭ କରାଯାଇଥିଲା । ତଦନ୍ତ ସମୟରେ ୩୫ କୋଟି ଟଙ୍କା ମୂଲ୍ୟର କ୍ରାଇପ୍ଟୋ କରେନ୍ସି, ବ୍ୟାଙ୍କ୍ ଜମା, ଗୋଲ୍ଡ କଏନ୍ ଓ ଅନ୍ୟ କିଛି ପଦାର୍ଥ ଜବତ କରାଯାଇଛି ।

## ସୀତାରମଣ-ଜିସିସିଆଇ

ଆସନ୍ତା ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ଭାରତୀୟ ଜନତା ପାର୍ଟି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବରିଷ୍ଠ ବିଜେପି ନେତ୍ରୀ ତଥା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦୋହରାଇଛନ୍ତି । ଅହମଦାବାଦ୍ ଠାରେ ଗୁଜରାଟ ଚାମ୍ବର ଅଫ୍ କମର୍ସ୍ ଏଣ୍ଡ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଆୟୋଜିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଦେଶର ଅର୍ଥନୈତିକ ପରିସ୍ଥିତିର କିପରି ପରିବର୍ତ୍ତନ ହୋଇଛି ସେ ସମ୍ପର୍କରେ ସୂଚନା ଦେଇଛନ୍ତି । ଏଥିସହ ଗୁଜରାଟରେ ହୋଇଥିବା ବ୍ୟାପକ ପୁଞ୍ଜିନିବେଶ ଏବଂ ବୟନ ଶିଳ୍ପରେ ବିକାଶ ନେଇ ପ୍ରଶଂସା କରିଛନ୍ତି ।

## ପ୍ରେଜ୍-ଭିପି ବୋଟ୍

ଝାରସୁଗୁଡ଼ା ଜିଲ୍ଲାରେ ମହାନଦୀରେ ଡଙ୍ଗା ବୁଡ଼ି ଯାଇ ଅନେକ ଲୋକ ପ୍ରାଣ ହରାଇଥିବାରୁ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଶୋକ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ପୋଷ୍ଟରେ ଏହା ଏକ ମର୍ମନ୍ତୁଦ ଦୁର୍ଘଟଣା ବୋଲି କହିଛନ୍ତି । ଶୋକ ସନ୍ତପ୍ତ ପରିବାର ଗୁଡ଼ିକୁ ସେ ସମବେଦନା ଜଣାଇଛନ୍ତି ଓ ଆହତମାନଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏହି ଘଟଣାରେ ସେ ମର୍ମାହତ ହୋଇଥିବାର କହିଛନ୍ତି । ମୃତ ବ୍ୟକ୍ତିମାନଙ୍କ ପରିବାରକୁ ଶୋକ ବାର୍ତ୍ତା ଜଣାଇବା ସହ ଆହତମାନଙ୍କର ସେ ଆଶୁ ଆରୋଗ୍ୟ କାମନା କରିଛନ୍ତି ।